# ଗଣମାଧ୍ୟମର ଭାଷା

॥ ଡ. ମୃଣାଳ ଚାଟାର୍ଜୀ ॥

ଯେଉଁ ମାଧ୍ୟମ ସାହାଯ୍ୟରେ ଗୋଟେ କଥା ସମାନ ଭାବରେ ବହୁ ଲୋକଙ୍କ ପାଖରେ ଅପରିବର୍ତ୍ତିତ ଭାବେ ପହଞ୍ଚିପାରିବ ତାହାକୁ ଗଣମାଧ୍ୟମ କୁହାଯାଏ । ଉଦାହରଣ ସ୍ୱରୂପ: ଖବରକାଗଜ, ରେଡିଓ, ଟେଲିଭିଜନ । ଇଣ୍ଟରନେଟ୍ ତାର କାରିଗରି ଦିଗ ପାଇଁ ଉଭୟ ବ୍ୟକ୍ତିଗତ ମାଧ୍ୟମ ଏବଂ ଗଣମାଧ୍ୟମ ହୋଇପାରେ ।

ଲୋକେ ଯେଉଁ ସଂଘବଦ୍ଧ ଧ୍ୱନି ସାହାଯ୍ୟରେ ଅନ୍ୟ ସହିତ ଭାବ ବିନିମୟ କରିପାରିବ– ତାହାକୁ ଭାଷା କୁହାଯାଇପାରେ । ଯେ କୌଣସି ଶବ୍ଦ ଏବଂ ଭାଷା ଭିତରେ ଫରକ ହେଲା: ଭାଷାରେ ଗୋଟେ ଶବ୍ଦର ଅର୍ଥ ସବୁ କ୍ଷେତ୍ରରେ ଏବଂ ତାହାକୁ ବ୍ୟବହାର କରୁଥିବା ସବୁ ଲୋକଙ୍କ ପାଇଁ ସମାନ ହୋଇଥାଏ । ସବୁ ଭାଷାର ଆରମ୍ଭ ଧ୍ୱନିରୁ । ତାପରେ କ୍ରମଶଃ ଭାଷା ସହିତ ଲିପି ଯୋଡ଼ିହୋଇଗଲା । ଗୋଟେ ଭାଷାକୁ କିପରି ଲେଖାଯିବ ତାହା ନିର୍ଦ୍ଦିଷ୍ଟ କରିବା ପାଇଁ ବ୍ୟକରଣ ତିଆରି ହେଲା । ଅନେକ ଭାଷା କ୍ଷେତ୍ରରେ ତାହାକୁ କିପରି ଉଚ୍ଚାରଣ କରାଯିବ ତାପାଇଁ ପାଇଁ ବିଧିବଦ୍ଧ ନିୟମ ସ୍ଥିର ହେଲା ।

ଗଣମାଧ୍ୟମ ଏବଂ ଭାଷାର ସମ୍ପର୍କ ବଡ଼ ନିବିଡ଼ ଆଉ ପରସ୍ପର–ନିର୍ଭରଶୀଳ (ସିମ୍ବାୟୋଟିକ୍) । ଯେହେତୁ ଗଣମାଧ୍ୟମ ମୁଖ୍ୟ ଉଦ୍ଦେଶ୍ୟ ହେଲା ଏକା ସାଙ୍ଗରେ ବହୁ ଲୋକଙ୍କ ପାଖରେ ପହଞ୍ଚିବା ତେଣୁ ଯେଉଁ ଭାଷା ବେଶି ଲୋକେ ସହଜରେ ବୁଝିପାରିବେ, ଗଣମାଧ୍ୟମ ସାଧାରଣତଃ ତାକୁଇ ବ୍ୟବହାର କରେ । ଅଧିକ କ୍ଲିଷ୍ଟ ଶବ୍ଦ ବା ଶବ୍ଦର ଜଟିଳ ବ୍ୟବହାରକୁ ଗଣମାଧ୍ୟମ ବେଶି ପସନ୍ଦ କରେ ନାହିଁ । ଆଦୌ ବ୍ୟବହାର କରେ ନାହିଁ ବୋଲି କହିଲେ ଭୁଲ ହେବ । ତେବେ ସ୍ୱଭାବତଃ ଗଣମାଧ୍ୟମ ସରଳ ଭାଷା ଓ ଭାବର ସାବଲୀଳ ସଂଚାରକୁ ଅଧିକ ଚାହେଁ ।

ଗଣମାଧ୍ୟମ ଏବଂ ଭାଷାର ସମ୍ପର୍କ ବଡ଼ ନିବିଡ଼ ଆଉ ପରସ୍ପର–ନିର୍ଭରଶୀଳ (ସିମ୍ବାୟୋଟିକ୍) । ଗଣମାଧ୍ୟମ ତଥ୍ୟ/ ଭାବର ସମ୍ପ୍ରସାରଣ ପାଇଁ ଭାଷାକୁ ଏକ ମାଧ୍ୟମ ଭାବେ ବ୍ୟବହାର କରେ । ପୁଣି ଭାଷା ଲୋକମାନଙ୍କ ଦ୍ୱାରା ବ୍ୟବହୃତ ହେଲା ବେଳେ କ୍ରମଶଃ ପରିବର୍ତ୍ତିତ ହୁଏ । ସଭ୍ୟତା, ସଂସ୍କୃତି, ସ୍ଥାନୀୟ ଚଳଣି, କାରିଗରି ବିଦ୍ୟାର ପରିବର୍ତ୍ତନ, ଉଉରଣ ଇତ୍ୟାଦି ଭାଷାକୁ ପ୍ରଭାବିତ କରିଥାଏ । ନୂଆ ଶବ୍ଦ ସୃଷ୍ଟି ହୁଏ । ଶବ୍ଦର ପାରମ୍ପରିକ ଅର୍ଥରେ ପରିବର୍ତ୍ତନ ହୁଏ ।

ଲୋକେ ଗଣମାଧ୍ୟମ ବ୍ୟବହାର କରିବା ଯେତେ ଅଧିକ ହେବ, ଗଣମାଧ୍ୟମର ଭାଷା ସେତେ ପ୍ରଭାବିତ ହେବ । ପୁଣି ଲୋକେ ମଧ୍ୟ ଗଣମାଧ୍ୟମର ଭାଷା ଦ୍ୱାରା ପ୍ରଭାବିତ ହେବେ: ଭାଷାକୁ ଗଣମାଧ୍ୟମ ଯେଉଁଭଳି ଭାବେ ବ୍ୟବହାର କରୁଛି– ସେଇଭଳି ଭାବେ ବ୍ୟବହାର କରିବାର ପ୍ରବଣତା ବୃଦ୍ଧି ପାଇବ । ଅର୍ଥାତ୍, ଗଣମାଧ୍ୟମ ଭାଷାକୁ ବ୍ୟବହାର କରେ । ପୁଣି ଭାଷାକୁ ପ୍ରଭାବିତ କରିପାରେ ।

ଏବେ ଦେଖାଯାଉ, ଗଣମାଧ୍ୟମ ଠିକ୍ କେଉଁଭଳି ଭାବେ ଭାଷାକୁ ପ୍ରଭାବିତ କରିପାରେ ।

୧. ଅନ୍ୟାନ୍ୟ ଭାଷାର ବ୍ୟବହାର: ଗୋଟିଏ ଭାଷାର ଗଣମାଧ୍ୟମ ଗୋଟେ ଶବ୍ଦର ପରିପ୍ରକାଶ ପାଇଁ ଆଉ ଗୋଟିଏ ଭାଷାର ଶବ୍ଦକୁ ବାରମ୍ବାର ବ୍ୟବହାର କଲେ, କ୍ରମଶଃ ତାହା ସାଧାରଣରେ ଅଧିକ ବ୍ୟବହୃତ ହୁଏ । ମୂଳ ଭାଷାର ଶବ୍ଦଟି ଅବ୍ୟବହାରରେ କ୍ରମଶଃ ଅବଲୁପ୍ତ ହୋଇଯାଏ । ଆଞ୍ଚଳିକ ଭାଷାର ଅନେକ ଶବ୍ଦ ଏହିପରି ଭାବେ ଅବଲୁପ୍ତ ହୋଇଯାଉଛି ।

୨. ସଠିକ୍ ଉଚ୍ଚାରଣ: ଦୃଶ୍ୟଶ୍ରାବ୍ୟ ଗଣମାଧ୍ୟମରେ କୌଣସି ଶବ୍ଦକୁ କ୍ରମାଗତ ଭୁଲ ଭାବେ ଉଚ୍ଚାରଣ କରାଗଲେ, କ୍ରମଶଃ ସାଧାରଣରେ ସେଇ ଉଚ୍ଚାରଣହିଁ ଅଧିକ ବ୍ୟବହୃତ ହେବାକୁ ଲାଗେ ।

୩. ସଠିକ ବନାନ: ସମାନ କଥା ଶବ୍ଦର ବନାନ ପାଇଁ ମଧ୍ୟ ପ୍ରଯୁଜ୍ୟ ।

୪. ଶବ୍ଦର ସଠିକ ଅର୍ଥ: ସମୟ କ୍ରମେ ଶବ୍ଦର ଅର୍ଥ କ୍ରମଶଃ ବଦଳେ । ଏଥିପାଇଁ ବିଭିନ୍ନ କାରଣ ରହିଛି । ଗଣମାଧ୍ୟମରେ ବ୍ୟବହାର ତହିଁରୁ ଗୋଟେ କାରଣ ।

୫. ନୂତନ ଶବ୍ଦ ସୃଷ୍ଟି: ଗଣମାଧ୍ୟମ ତାର ଆବଶ୍ୟକତା ଅନୁସାରେ ନୂତନ ଶବ୍ଦ ସୃଷ୍ଟି କରେ । କ୍ରମଶଃ ତାହା ସର୍ବଜନଗ୍ରାହ୍ୟ ହୋଇଯାଏ ।

୬. ନୂତନ ଜ୍ଞାନରୁ ଉଦ୍‌ଭୂତ ଶବ୍ଦର ବ୍ୟବହାର: ସମୟ କ୍ରମେ ନୂତନ ଜ୍ଞାନର ବିକାଶ ଓ ପ୍ରସାର ହେଉଛି । ତହିଁରୁ

ଉଦ୍‌ଭୂତ ଯନ୍ତ୍ର, ପଦ୍ଧତି, ଅବସ୍ଥା ଇତ୍ୟାଦିକୁ ବୁଝାଇବା ପାଇଁ ନୂଆ ଶବ୍ଦର ଆବଶ୍ୟକତା ପଡୁଛି । ସେ ଶବ୍ଦଗୁଡ଼ିକ ଗଣମାଧ୍ୟମରେ ଅଧିକ ବ୍ୟବହାର ମାଧ୍ୟମରେ ପ୍ରଚଳିତ ହୁଏ ।

ଗଣମାଧ୍ୟମ ଏବଂ ଭାଷାର ଏହି ନିବିଡ଼ ଆଉ ପରସ୍ପର-ନିର୍ଭରଶୀଳ (ସିମ୍ବାୟୋଟିକ୍) ସମ୍ପର୍କ ଯୋଗୁଁ କୌଣସି ଭାଷାର ଅଧିକ ବ୍ୟବହାର, ସଠିକ୍ ବ୍ୟବହାର, ବିଭିନ୍ନ କ୍ଷେତ୍ରରେ ବ୍ୟବହାର ସମ୍ପର୍କରେ ଗଣମାଧ୍ୟମର ଭୂମିକା ଓ କାର୍ଯ୍ୟକାରିତା ପ୍ରତି ଲୋକଙ୍କର ପ୍ରତ୍ୟାଶା (ଏକ୍ସପେକ୍‌ଟେସନ୍) କ୍ରମଶଃ ବଢ଼ିବାରେ ଲାଗିଛି ।

ଲୋକେ ଭାଷା ପ୍ରସଙ୍ଗରେ (ବିଶେଷ କରି ଆଞ୍ଚଳିକ ଭାଷା କ୍ଷେତ୍ରରେ) ଗଣମାଧ୍ୟମରୁ ଦୁଇଟି କଥା ଏକା ସାଙ୍ଗରେ ଆଶା କରୁଛନ୍ତି । ଏକ: ସେ ଭାଷାର ଶୁଦ୍ଧତା (ପ୍ୟୁରିଟି) ବଜାୟ ରହୁ । ଅନ୍ୟ ଭାଷା ସହିତ ଏହାକୁ ଅହେତୁକ ଭାବେ ମିଶାଇ ଖେଚେଡ଼ି ନ କରାଯାଉ । ଆଉ ଦୁଇ: ବର୍ତ୍ତମାନ ବିଶ୍ୱାୟନର ଯୁଗରେ କ୍ରମବର୍ଦ୍ଧିଷ୍ଣୁ ଜ୍ଞାନର ଜଗତରେ ଅନ୍ୟମାନଙ୍କ ସହିତ ସମାନ ତାଳରେ ଚାଲିବା ପାଇଁ ଯାହା ତଥ୍ୟ ଓ ଜ୍ଞାନ ଆବଶ୍ୟକ ତାହାକୁ ଆମ ଭାଷାରେ, ଆମ ବୁଝିବା ଭଳି ଶୈଳୀରେ ଯୋଗାଇ ଦେଲା ଭଳି ଶବ୍ଦ ଆମର ଥାଉ, ବା ସୃଷ୍ଟି ହେଉ ।

ବର୍ତ୍ତମାନର ଓଡ଼ିଆ ଗଣମାଧ୍ୟମ ଏ ଦୁଇଟି ଯାକ ଆଶାକୁ କେତେଦୂର ପୂରଣ କରୁଛନ୍ତି, ପୁରଣ କରୁଛନ୍ତି କି ନାହିଁ, ତାକୁ ନେଇ ବହୁ ପ୍ରଶ୍ନ ଉଠିପାରେ । ବର୍ତ୍ତମାନ ଗଣମାଧ୍ୟମ କର୍ମୀଙ୍କର ଏ ଆଶା ପୁରଣ କରିବାର କ୍ଷମତା ଏବଂ/କିମ୍ବା ଦକ୍ଷତା ଅଛି କି ନାହିଁ- ତାହା ଆଉ ଏକ ପ୍ରଶ୍ନ । ଯଦି କ୍ଷମତା/ଦକ୍ଷତା ଅଛି, ତେବେ ତାକୁ ଦେଖାଇବାର ପ୍ରକୃଷ୍ଟ କ୍ଷେତ୍ର ଅଛି କି ନାହିଁ ବା ସେମାନଙ୍କୁ ଦିଆଯାଉଛି କି ନାହିଁ ତାହା ଆଉ ଏକ ବଡ଼ ପ୍ରଶ୍ନ । *ପବ୍‌ଲିକ୍* ଯାହା ଚାହୁଁଛି- ସେମିତି କୁହାଯିବ/ଲେଖାଯିବ ନା ଲୋକେ ଯେମିତି ଭାଷାରେ କହିବା/ଲେଖିବା/ପଢ଼ିବା ଦରକାର ସେମିତି ଭାଷା ଗଣମାଧ୍ୟମରେ ଦିଆଯିବ - ଏହା ଗଣମାଧ୍ୟମ-ପରିଚାଳକମାନେ ଠିକ୍ କରନ୍ତି, ଏ ସିଦ୍ଧାନ୍ତ ନେବାରେ ଗଣମାଧ୍ୟମ କର୍ମୀମାନଙ୍କ ଭୂମିକା ଅପେକ୍ଷାକୃତ କମ, ସେମାନେ ମୁଖ୍ୟତଃ ସିଦ୍ଧାନ୍ତକୁ କାମରେ ରୂପାୟିତ କରନ୍ତି ।

ମୁଁ ଏଇ ନିବନ୍ଧରେ ଏସବୁ ପ୍ରଶ୍ନ କିମ୍ବା ସେଥିରୁ ଉଦ୍‌ଭୁତ ବିବାଦ ଭିତରକୁ ଆଦୌ ଯିବାକୁ ଚାହୁଁନାହିଁ । ତାହା ଦ୍ୱାରା ଓଡ଼ିଆ ଭାଷାର ବା ଓଡ଼ିଆ ଭାଷୀ ଲୋକଙ୍କର କିଛି ଲାଭ ବି ହେବ ନାହିଁ । ମୁଁ ଏଠି ଗଣମାଧ୍ୟମରେ ଭାଷାର ବ୍ୟବହାର ସମ୍ପର୍କରେ ମୋର ମତ ଓ ମନ୍ତବ୍ୟ ରଖିବି ।

୧. ଗଣମାଧ୍ୟମର ମୌଳିକ ଆବଶ୍ୟକତା ଦୃଷ୍ଟିରୁ ଏହା ଭାଷାକୁ ସରଳ ଭାବେ ବ୍ୟବହାର କରିବ । ହେଲେ ଅତିସରଳକରଣରୁ ସାବଧାନ ହେବା ଦରକାର । ଚାଲୁ ଭାଷା ଏବଂ ଧ୍ରୁପଦୀ ଭାଷା ଭିତରେ ଗୋଟେ ସମତୁଲ (ବାଲାନ୍ସ) ଦରକାର । *ପବଲିକ୍* ଚାହୁଁଛି ବୋଲି ରାସ୍ତାର ଭାଷା ଗଣମାଧ୍ୟମରେ ବ୍ୟବହାର କରିବାର ପ୍ରବଣତାକୁ ପରିହାର କରିବା ଦରକାର । ତାମାନେ ଏଇଆ ଆଦୌ ନୁହେଁ- ସେ ସେ ପ୍ରକାର ଭାଷାକୁ ଗଣମାଧ୍ୟମରେ ବ୍ରାତ୍ୟ ବୋଲି ଗ୍ରହଣ କରିବା । ମୋର କହିବା କଥା ହେଲା: ଭାଷାର ବ୍ୟବହାରରେ ଶୁଚୀବାୟୁଗ୍ରସ୍ତ ହେବାର ଆବଶ୍ୟକତା ନାହିଁ । କିନ୍ତୁ କେବଳ ବଜାରକୁ ଦେଖିବା ବି ଠିକ୍ ନୁହେଁ । ଭାଷାର ଶୁଚୀତା ଏବଂ ସମ୍ଭ୍ରମ ରକ୍ଷା କରିବା ଗଣମାଧ୍ୟମର, ବିଶେଷ କରି ମୁଦ୍ରିତ ଗଣମାଧ୍ୟମର ଦାୟିତ୍ୱ ଭିତରେ ଯାଏ ।

୨. ନୂଆ ଶବ୍ଦ ସୃଷ୍ଟି: ଯୁଗର ଚାହିଦା ଏବଂ ଆବଶ୍ୟକତାକୁ ଚାହିଁ ଗଣମାଧ୍ୟମକୁ ନୂଆ ଶବ୍ଦ ସୃଷ୍ଟି କରିବାକୁ ପଡ଼ିବ । ଏ କ୍ଷେତ୍ରରେ ପ୍ରଥମେ ଓଡ଼ିଆ ଶବ୍ଦକୁ ନେଇ ନୂଆ ଶବ୍ଦ ତିଆରି କରିବାର ଚେଷ୍ଟା କରିବା । ତାହା ନ ମିଳିଲେ ବା ମିଳୁଥିଲେ ବି ବୁଝିବାରେ କଷ୍ଟ ହେଉଥିଲେ ଅନ୍ୟ ଭାଷାର ପ୍ରୟୋଗ କରାଯାଉ । ଉଦାହରଣ ଭାବେ ଧରନ୍ତୁ: ମୋବାଇଲ୍ ଫୋନ୍‌ରେ ନିଜେ ନିଜର ଉଠେଇଥିବା ଫଟୋକୁ ସେଲ୍‌ଫି କୁହାଯାଉଛି । ଏ ଶବ୍ଦଟିକୁ ଏବେ ଇଂରାଜୀ ଅଭିଧାନରେ ଗ୍ରହଣ କରି ନିଆଗଲାଣି । ଏହାର ଓଡ଼ିଆ ପ୍ରତିଶବ୍ଦ ଭାବେ ଆମେ *ନିଫଟୋ* (ନିଜ + ଫଟୋ) ବା ସେଇ ଜାତୀୟ କୌଣସି ଶବ୍ଦ ଉଦ୍‌ଭାବନ କରିପାରୁ । କିମ୍ବା *ସେଲ୍‌ଫି* ଶବ୍ଦଟିକୁ ଓଡ଼ିଆରେ ଗ୍ରହଣ କରି ନେଇପାରୁ । ସେଥିରେ ବି ଆପତ୍ତି କଣ!

୩. ବନାନ: ବନାନ କ୍ଷେତ୍ରରେ ଗଣମାଧ୍ୟମ ପ୍ରଚଳିତ ଅଭିଧାନକୁ ମାନି ଚଳିବା ଦରକାର । ବର୍ତ୍ତମାନ ଓଡ଼ିଆ ଭାଷାରେ ଯେତୋଟି ଅଭିଧାନ ଅଛି, ସେଥିରୁ କେତୋଟିରେ କେତେକ ଶବ୍ଦର ଦୁଇ ପ୍ରକାର ବନାନ ଅଛି । ଏପ୍ରକାର ଶବ୍ଦର ସଂଖ୍ୟା ଖୁବ କମ । ତାକୁ ନେଇ ବିବାଦରେ ନ ପଶି ଗଣମାଧ୍ୟମରେ ଭୁଲ ବନାନ ଯେମିତି ଲେଖିବା ନାହିଁ, ତା ପ୍ରତି ଅଧିକ ଯତ୍ନଶୀଳ ହେବା ଦରକାର ।

୩. ଉଚ୍ଚାରଣ: ବନାନଠୁଁ ଅଧିକ ସମସ୍ୟା ଏବେ ଉଚ୍ଚାରଣରେ । ଦୃଶ୍ୟଶ୍ରାବ୍ୟ ମାଧ୍ୟମ, ବିଶେଷ କରି ବେସରକାରୀ ବାଣିଜ୍ୟିକ ରେଡିଓ ଆଉ ଟେଲିଭିଜନ ଚ୍ୟାନେଲ୍‌ର ଘୋଷକମାନେ ବିଚିତ୍ର ଉଚ୍ଚାରଣରେ ଓଡ଼ିଆ କହୁଛନ୍ତି । ସଠିକ୍ ଉଚ୍ଚାରଣ ପ୍ରତି ସେ ଗଣମାଧ୍ୟମର ପରିଚାଳକମାନେ ଦୃଷ୍ଟି ଦିଅନ୍ତୁ । ସଚେତନ ଓଡ଼ିଆ ଭାଷୀମାନେ ଏ ଦିଗରେ ଏବଂ ସଠିକ୍ ବନାନ ଲେଖିବାରେ ଯତ୍ନଶୀଳ ହେବାକୁ ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକୁ ତାଗିଦ କରନ୍ତୁ ।  ଉପଯୁକ୍ତ ଫୋରମ୍‌ରେ କେହି କିଛି କହୁନାହାନ୍ତି ବୋଲି ଭୁଲ ଉଚ୍ଚାରଣରେ ଓଡ଼ିଆ ଏବଂ ଇଂରାଜୀ କୁହାଯାଉଛି । ଭୁଲ ଧରେଇଦେଲେ ସେମାନେ ତାହା ଆପେ ଆପେ ସୁଧାରି ନେବେ ବୋଲି ମୋର ବିଶ୍ୱାସ ।

୫. କୌଣସି ଲେଖା ପାଇଁ ବା କୌଣସି କଥା ଠିକ ଭାବେ ବୁଝାଇ କହିବା ପାଇଁ ଆବଶ୍ୟକ ପଡ଼ିଲେ ଅନ୍ୟ ଭାଷାର ବ୍ୟବହାର କ୍ଷେତ୍ରରେ ମୁଁ ଆଦୌ ଶୁଚୀବାୟୁଗ୍ରସ୍ତ ନୁହେଁ । କିନ୍ତୁ ତାହା ଧାରା  ନହେଉ । ଆଗେ ଚେଷ୍ଟା କରିବା ଆମ ଭାଷାରେ, ଆମ ଭାଷାର ଶବ୍ଦ ବ୍ୟବହାର କରି ତାହା ସଠିକ ଭାବେ ବୁଝାଇ ହେଉଛି କି ନାହିଁ! କରି ହେଉଥିଲେ ତାହା ଆଗେ କରିବା । କରି ନ ହେଉଥିଲେ, କଲେ ତାହା ଠିକ୍ ବୁଝି ହେଉନଥିଲେ ତେବେ ଆମେ ଅନ୍ୟ ଭାଷାର ଶବ୍ଦକୁ ନେବା ।

୬. ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ବେଳେ ସେ ଭାଷାର ଅର୍ଥ ଓ ବ୍ୟବହାର ପ୍ରତି ଅଧିକ ଯତ୍ନଶୀଳ ହେବା । ଅନେକ ସମୟରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ଭୁଲ ଅର୍ଥ କରି ଓଡ଼ିଆରେ ଅନୁବାଦର ବହୁ ଉଦାହରଣ ଆପଣଙ୍କ ଆଖିରେ ପଡ଼ିଥିବ । ସମାନ କଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷାର ଗଣମାଧ୍ୟମ କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ । ତେଣୁ ଅନୁବାଦ ବେଳେ ଆମେ ସାବଧାନ ହେବା ।

ଓଡ଼ିଆ ଏକ ପ୍ରାଚୀନ ଭାଷା । ଗତ ବର୍ଷ ଏହି ଦିନରେ (୨୦୧୪, ଫେବୃଆରି ୨୦) ଏହାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି । ଏହା ସତ୍ତ୍ୱେ ଓଡ଼ିଆ ଭାଷାର ଦୀର୍ଘ ଜୀବନକୁ ନେଇ  ଅନେକେ ଏଇ ମୁହୂର୍ତ୍ତରେ ସନ୍ଦିହାନ । ଏ ସ୍ଥିତି କେବଳ ଓଡ଼ିଆ ଭାଷାର ନୁହେଁ । ପୃଥିବୀର ବହୁ ଭାଷାର । ଭାରତର ଅଧିକାଂଶ ଆଞ୍ଚଳିକ ଭାଷାର ଏଇ ସ୍ଥିତି । ଏଇ ସମସ୍ୟା । ବଂଗଳାରବି, ତେଲେଗୁରବି । କାହାର ବେଶି କାହାର କମ । ହେଲେ ଏ ସମସ୍ୟା ସବୁ ଆଞ୍ଚଳିକ ଭାଷାକୁ ସ୍ପର୍ଶ କଲାଣି ।

ଭାଷା ବଂଚେ ବ୍ୟବହାରରେ । ଆମେ ଭାଷାକୁ ଯେତେ ବ୍ୟବହାର କରିବା, ତାହା ସେତେ ସମୃଦ୍ଧ ହେବ । ଆସନ୍ତୁ ଆମେ ସମସ୍ତେ ମିଶି ଓଡ଼ିଆ ଭାଷାକୁ ଅଧିକ ବ୍ୟବହାର କରିବା । ଅଧିକ ବ୍ୟବହାରଯୋଗ୍ୟ କରିବା ପାଇଁ ଚେଷ୍ଟା କରିବା ।

***

୧୭.୨.୨୦୧୫

ସଂଚାର ମାର୍ଗ, ଢେଙ୍କାନାଳ ୭୫୯ ୦୦୧

ଲେଖକ ପରିଚିତି: ଡ. ମୃଣାଳ ଚାର୍ଟାର୍ଜୀ (ଜନ୍ମ ୧୯୬୧) ଜଣେ ସୃଜନାତ୍ମକ ଲେଖକ ଭାବେ  ବେଶ ପରିଚିତ । ସକ୍ରିୟ ସାମ୍ବାଦିକତାରୁ ଗଣମାଧ୍ୟମ ଶିକ୍ଷା କ୍ଷେତ୍ରକୁ ଆସିଥିବା ଡ. ଚାଟାର୍ଜୀ ଏବେ ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନର ପୂର୍ବଭାରତୀୟ ଶାଖାର ମୁଖ୍ୟ ଅଛନ୍ତି ।